ଗ୍ରାମୀଣ କୃଷି ମୌଷମ ସେବା
ମଧ୍ୟ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ କୃଷି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରଦାନ କେନ୍ଦ୍ର
ମହିଷାପାଟ, ଢେଙ୍କାନାଳ- ୭୫୯ ୦୦୧

**ସପ୍ତାହ ସଂଖ୍ୟା .୨୪**

ଡ. ମହମ୍ମଦ ଅବଦୁଲ  ଅଲିମ
ଟେକନିକାଲ ଅଫିସର

**ଢେଙ୍କାନାଳ  ଜିଲ୍ଲା**

ବୁଲେଟିନ ନମ୍ବର :୧୭୮
ତାରିଖ :  ୧୧|୦୬|୨୦୧୯
(ମଙ୍ଗଳବାର)

## ଗତ ସପ୍ତାହ ର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୫.୦୬ .୨୦୧୯ ରୁ ୧୧.୦୬.୨୦୧୯)

| | |
|---|---|
| ବୃଷ୍ଟିପାତ (ମି.ମି.) | 16.1 |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | 36.0-39.4 |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | 24.2-28.4 |

## ଆଞ୍ଚଳିକ ପାଣିପାଗ କେନ୍ଦ୍ର, ଭୁବନେଶ୍ୱର ଅନୁଯାୟୀ ଅଗ୍ରୀମ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନ ର ବେଗ (କି.ମି./ଘ.) | ପବନ ର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 12/6/2019 | 0 | 40 | 26 | 3 | 54 | 17 | 7 | 263 |
| 13/6/2019 | 0 | 41 | 25 | 3 | 43 | 16 | 9 | 240 |
| 14/6/2019 | 4 | 40 | 25 | 4 | 64 | 21 | 13 | 255 |
| 15/6/2019 | 3 | 39 | 25 | 4 | 47 | 18 | 9 | 236 |
| 16/6/2019 | 0 | 39 | 26 | 4 | 48 | 24 | 10 | 237 |

- ଆସନ୍ତା ଶୁକ୍ରବାର ଓ  ଶନିବାର ଦିନରେ  ୭ ମି.ମି ବର୍ଷା ହେବାର ସମ୍ଭାବନା ଅଛି ।
- ଆକାଶ ମେଘୁଆ ରହିବ।  ସହିତ ୭-୧୩ କି.ମି.ପ୍ର.ଘ ବେଗରେ ପବନ ବୋହିପରେ ।
- ମାଟି ପରୀକ୍ଷା ବିବରଣୀ ବା ତଥ୍ୟ ମୁତାବକ ମାଟି ରେ ସାର ପ୍ରୟୋଗ କରନ୍ତୁ।
- କୀଟନାଶକ ସିଂଚନକୁ ଶନିବାର ପର୍ଯ୍ୟନ୍ତ ସ୍ଥଗିତ ରଖନ୍ତୁ ।

**ଚିନାବାଦାମ :** ଗତ ସପ୍ତାହର ପାଣିପାଗ ଯୋଗୁଁ ଚିନାବାଦାମ ଫସଲରେ ସାଂବାଲୁଆ ଆକ୍ରମଣର ଆଶଙ୍କା ରହିଛି ,ଏହାକୁ ନିୟନ୍ତ୍ରଣ କରିବା ପାଇଁ ନିମ୍ନ ମତେ ପଦକ୍ଷେପ ଜରୁରୀ

- ପ୍ରାପ୍ତ ମାଛିର ସଂଖ୍ୟା ଜାଣିବା ପାଇଁ ଫେରୋମୋନ ଟ୍ରାପର ବ୍ୟବସ୍ଥା ।
- ଚଢେଇ ବସିବା ପାଇଁ ଫସଲ ମଝିରେ ଝଟା ର ବ୍ୟବସ୍ଥା ।
- ସାଂବାଲୁଆ  ଦେଖାଗଲେ ବିଷ ବଟିକାର ବ୍ୟବସ୍ଥା । ଯଥା : ୧ କି,ଗ୍ରା  କୁଣ୍ଡା ସହିତ ୨00 ଗ୍ରାମ ଗୁଡ ଓ ୨0-୨୫ ଗ୍ରାମ କରଟପ ହାଇଡ୍ରୋ କ୍ଲୋରଇଡ  ଔଷଧ ଏବୋଂ ପାଣିରେ ପ୍ରସ୍ତୁତ କରି ଜମି ମଝିରେ ୨0-୨୫ ଜାଗାରେ ରହିବା ଦ୍   ବାେରା ସୁଫଳ ମିଳେ ।

**ପନିପରିବା:  ଅଦିନିଆ ବର୍ଷା** କାରଣରୁ ବାଇଗଣ ଚାଷରେ **ଝାଉଁଳା ରୋଗର** ସମ୍ଭାବନା ଅଧିକ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ 2.5 g copper oxychloride ସହିତ 1 g Plantomycin ମିଶାଇ ସିଂଚନ କରନ୍ତୁ ।  ବାଇଗଣ ରେ **ଫଳବିନ୍ଧା** ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଝାଉଂଳି ପଡିଥିବା ଅଗ ଡାଳ ଗୁଡିକ ଭାଙ୍ଗି ମାଟିରେ ପୋତି ଦିଅନ୍ତୁ । ପ୍ରଥମେ ଏକର ପ୍ରତି ୬୦୦ ମି . ଲି. ନିମ୍ବ ଜାତୀୟ ଔଷଧ ସିଂଚନ କରନ୍ତୁ । ପରବର୍ତୀ ଅବସ୍ଥାରେ ଏକର ପିଛା  ୭୦ ମି . ଲି . ସ୍ପିନୋସାଡ ଓ ୩୦୦ ମି . ଲି .  ଥିଓଡିକାର୍ବ ଔଷଧ କୁ ଅଦଳବଦଳ କରି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଂଚନ କରନ୍ତୁ ।

- ବର୍ତମାନ ପାଗରେ  ପନିପରିବା ଫସଲରେ  **ଜଉ ପୋକ ଓ ଧଳା ମାଛି ଶୋଷକ କୀଟ**  ଲାଗିବାର ସମ୍ଭାବନା ଅଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୧୦ ଲିଟର ପାଣିରେ ୫ ମି. ଲି. ଇମିଡାକ୍ଲୋପ୍ରିଡ ଔଷଧ ମିଶାଇ ସିଂଚନ କରନ୍ତୁ ।

**ଖରାଟିଆ ମୁଗ :**

- ଦିନର ସର୍ବୋଚ ଓ ସର୍ବନିମ୍ନ ତାପମାତ୍ରାର ତାରତମ୍ୟରେ ଅନିୟମିତ ବୃଦ୍ଧି ଓ ହ୍ରାସ ପାଇଥିବାରୁ ଖରାଟିଆ ଫସଲରେ ଧଳା ମାଛିର ସଂକ୍ରମଣ ଜନିତ ସାହେବି ରୋଗର ସମ୍ଭାବନା ବୃଦ୍ଧି ପାଇବ।
- ଧଳା ମାଛି ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି ୧୦-୧୫ ଟି ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ ।
- ବର୍ତମାନ ପାଣିପାଗରେ ଖରାଟିଆ ମୁଗ ଫସଲରେ ଛୁଇଁ ବିନ୍ଧା ପୋକ ଆକ୍ରମଣ ବୃଦ୍ଧି ହେବାର ସମ୍ଭାବନା ଥିବାରୁ ଫସଲ ସୁରକ୍ଷା କରିବା ପ୍ରଥମ ଅବସ୍ଥାରେ ଏକର ପ୍ରତି ୪୦୦ ମି.ଲି ପ୍ରୋଫେନୋଫୋସ ୨୦୦ ଲିଟର ଜଳରେ ମିଶାଇ ସିଂଚନ କରନ୍ତୁ ଓ ପରବର୍ତୀ ପର୍ଯ୍ୟାୟରେ ପୁନର୍ବାର ଏହି ପୋକ ଆକ୍ରମଣ ଦେଖାଦେଲେ ୩୦୦ ଗ୍ରାମ ହିସାବରେ ଥିଓଡିକାର୍ବ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

**ପଶୁ ସମ୍ପଦ :**

- ଦିନରେ  ଅଧିକ ଗରମ ସମୟରେ ପଶୁମାନଙ୍କୁ ଘାସ ଖାଇବା ପାଇଁ ଛାଡନ୍ତୁ ନାହିଁ ।
- ଗରମ ସମୟରେ ପଶୁମାନଙ୍କ ଦେହର ଉଷ୍ମତା କମ କରିବା ପାଇଁ ଦେହରେ ପାଣି ସିଂଚନ କରନ୍ତୁ ।

ଉପରୋକ୍ତ ଉପଦେଶ ପ୍ରାପ୍ତ ସୂଚନା ଉପରେ ଆଧାରିତ  ।          **ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଙ୍କ ଦ୍ୱାରା ସ୍ବୀକୃତ**

କୃଷି ଭୀତ୍ତିକ କୌଣସି ସମସ୍ୟା ପାଇଁ ଦେୟମୁକ୍ତ ନମ୍ବର ୧୮୦୦ ୧୮୦ ୧୫୫୧ ସହିତ ସମ୍ପର୍କ କରନ୍ତୁ ।